# NATIONAL NEWS BULLETIN (ODIA)
## 10 December - 2025
## Evening Bulletin : 7.15 p.m.

*********************************

## ମୁଖ୍ୟ ସମ୍ବାଦ

- ଦେଶରେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା କାର୍ଯ୍ୟକାରୀ କରିବା ଦାୟିତ୍ୱ ନିର୍ବାଚନ ଆୟୋଗଙ୍କର ବୋଲି ସମ୍ବିଧାନରେ ସୁନିଶ୍ଚିତ ଅଛି; ଲୋକସଭାରେ ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ସ୍ପଷ୍ଟୋକ୍ତି
- ଆଗାମୀ ଦଶନ୍ଧିରେ ଭାରତକୁ ଏକ ହାଇଡ୍ରୋଜେନ୍ ଶକ୍ତି ରପ୍ତାନୀକାରୀ ରାଷ୍ଟ୍ରଭାବେ ପରିଣତ କରିବାର ଲକ୍ଷ୍ୟ ରଖାଯାଇଛି; କହିଲେ ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ
- ଚଳିତ ଆର୍ଥିକ ବର୍ଷ ଲାଗି  ଭାରତର ଅଭିବୃଦ୍ଧି ହାର ୭ ଦଶମିକ ୨ ପ୍ରତିଶତ ହେବ ବୋଲି ଏସୀୟ ବିକାଶ ବ୍ୟାଙ୍କର ଆକଳନ
- ମହିଳାମାନଙ୍କ ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ଭାରତୀୟ ରେଳବାଇ କାର୍ଯ୍ୟ କରୁଛି; ଲୋକସଭାରେ ରେଳମନ୍ତ୍ରୀଙ୍କ ସୂଚନା

ଏବଂ

- ନୂଆଦିଲ୍ଲୀରେ ଆଜି ରାଷ୍ଟ୍ରପତିଙ୍କୁ ଭେଟିଲେ ମହିଳା ବିଶ୍ୱ ବକ୍ସିଂ ଚମ୍ପିଆନସିପ୍-୨୦୨୫ର ବିଜେତା ଦଳ

## ଏଲଏସ୍– ଇଲେକସନ୍ ରିଫର୍ମସ

ଦେଶରେ ଭୋଟର ତାଲିକା ପ୍ରସ୍ତୁତି କରିବା ଦାୟିତ୍ୱ ସମ୍ବିଧାନରେ ନିର୍ବାଚନ ଆୟୋଗଙ୍କୁ ପ୍ରଦାନ କରାଯାଇଛି ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା କହିଛନ୍ତି। ଆଜି ଲୋକସଭାରେ ନିର୍ବାଚନ ସଂସ୍କାର ସମ୍ପର୍କିତ ଆଲୋଚନାରେ ଅଂଶଗ୍ରହଣ କରି ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା ସମ୍ପର୍କରେ ବିରୋଧୀ ଦଳ ଗୁଡ଼ିକର ଅଭିଯୋଗକୁ ଖଣ୍ଡନ କରି ସେ କହିଛନ୍ତି, ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା ମଧ୍ୟ ନିର୍ବାଚନ ଆୟୋଗଙ୍କ ଦାୟିତ୍ୱ ବୋଲି ଭାରତର ସମ୍ବିଧାନରେ ସୁନିଶ୍ଚିତ କରାଯାଇଛି। ନିର୍ବାଚନ ଆୟୋଗ ସରକାରଙ୍କ ଅଧୀନରେ କାର୍ଯ୍ୟ କରନ୍ତି ନାହିଁ ବୋଲି ଶ୍ରୀ ଶାହା ଆଜି ଗୃହରେ ସ୍ପଷ୍ଟ କରିଛନ୍ତି।

**V/O–AMIT-SHAH-ON-SIR**

ଏହି ପ୍ରସଙ୍ଗରେ ବିରୋଧୀ ଦଳ ଗୁଡ଼ିକ ବିଶେଷ କରି କଂଗ୍ରେସ ଦେଶବାସୀଙ୍କ ମଧ୍ୟରେ ଭ୍ରମ ସୃଷ୍ଟି କରିବା ସହିତ ସରକାର, ନିର୍ବାଚନ ଆୟୋଗ ଏବଂ ସର୍ବୋପରି ଦେଶର ଭାବମୂର୍ତ୍ତି କ୍ଷୁର୍ଣ୍ଣ କରୁଛି। ଆଜି ଲୋକସଭାରେ ଏହି ଆଲୋଚନାର ଉତ୍ତର ରଖି ସ୍ୱରାଷ୍ଟ୍ର ମନ୍ତ୍ରୀ କହିଛନ୍ତି, ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ହେଉଛି ଭୋଟର ତାଲିକାର ଶୋଧନ ପ୍ରକ୍ରିୟା। ୧୯୫୨ ମସିହାରେ ତତ୍କାଳୀନ ପ୍ରଧାନମନ୍ତ୍ରୀ

ଜବାହରଲାଲ ନେହେରୁ ଦେଶରେ ପ୍ରଥମଥର ଲାଗି ଏହି ପ୍ରକ୍ରିୟା କାର୍ଯ୍ୟକାରୀ କରିଥିଲେ। ଏହାପରେ ୨୦୦୪ ମସିହାରେ ଦେଶର ଅନେକଗୁଡ଼ିଏ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଏହି ପ୍ରକ୍ରିୟା କାର୍ଯ୍ୟକାରୀ କରାଯାଇଥିଲା।

ଦେଶବାସୀ ବିରୋଧୀ ଦଳଗୁଡ଼ିକୁ ନିର୍ବାଚନରେ ଭୋଟ୍ ଦେଇ ନ ଥିବାରୁ ସେମାନେ ବ୍ୟତିବ୍ୟସ୍ତ ହୋଇପଡ଼ିଛନ୍ତି ବୋଲି ଶ୍ରୀ ଶାହା ମତବ୍ୟକ୍ତ କରିଛନ୍ତି।

## ଏଡିବି– ଇଣ୍ଡିଆ ଗ୍ରୋଥ

୨୦୨୫-୨୬ ଆର୍ଥିକ ବର୍ଷ ଲାଗି ଭାରତର ଅଭିବୃଦ୍ଧି ୬ ଦଶମିକ ୫ରୁ ୭ ଦଶମିକ ୨ ପ୍ରତିଶତ ହେବ ବୋଲି ଏସୀୟ ବିକାଶ ବ୍ୟାଙ୍କ– ଏଡିବି ଆଶାବ୍ୟକ୍ତ କରିଛି। ଜୁଲାଇରୁ ସେପ୍ଟେମ୍ବର ମଧ୍ୟରେ ଦେଶର ଅଭିବୃଦ୍ଧି ଶୂନ ଦଶମିକ ୭ ପ୍ରତିଶତ ବୃଦ୍ଧି ପାଇଛି ବୋଲି ଏସୀଆ ଓ ପ୍ରଶାନ୍ତ ମହାସାଗରୀୟ ଅଭିବୃଦ୍ଧି ଆଉଟ୍‌ଲୁକ୍ ରିପୋର୍ଟରୁ ସୂଚନା ମିଳିଛି।

## ଗଡ଼କରୀ– ହାଇଡ୍ରୋଜେନ୍

ଆଗାମୀ ଏକ ଦଶନ୍ଧି ମଧ୍ୟରେ ଭାରତକୁ ଏକ ହାଇଡ୍ରୋଜେନ୍ ଶକ୍ତି ରପ୍ତାନୀକାରୀ ରାଷ୍ଟ୍ରଭାବେ ପରିଣତ କରିବାର ଲକ୍ଷ୍ୟ ରଖାଯାଇଛି ବୋଲି ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରୀ କହିଛନ୍ତି। ଆଜି ନୂଆଦିଲ୍ଲୀଠାରେ ଏ ସମ୍ପର୍କିତ ଏକ ସମାରୋହରେ ଉଦବୋଧନ ଦେଇ ଶ୍ରୀ

ଗଡ଼କରୀ କହିଛନ୍ତି, ଜାହାଜ ଚଳାଚଳ, ବିମାନ ଚଳାଚଳ, ଶିଳ୍ପ ଏବଂ ସ୍ମାର୍ଟ ପରିବହନ କ୍ଷେତ୍ରରେ ହାଇଡ୍ରୋଜେନ୍ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଏତଦ୍‌ବ୍ୟତୀତ ସରକାର ଗମନାଗମନ ଖର୍ଚ୍ଚ ହ୍ରାସ କରିବା ସହିତ ଦେଶବ୍ୟାପୀ ୨୮ଟି ନିୟନ୍ତ୍ରିତ ଏକ୍ସପ୍ରେସ୍ ପଥ ନିର୍ମାଣ କରିବା ଦିଗରେ ପଦକ୍ଷେପ ନେଉଛନ୍ତି ବୋଲି ଶ୍ରୀ ଗଡ଼କରୀ କହିଛନ୍ତି। ଦିଲ୍ଲୀ–ଏନ୍.ସି.ଆର୍ ଅଞ୍ଚଳରେ ସଡ଼କ ବିକାଶ ପ୍ରକଳ୍ପ ଲାଗି ସରକାର ୧ ଲକ୍ଷ ୫୦ ହଜାର କୋଟି ଟଙ୍କା ପୁଞ୍ଜିନିବେଶ କରୁଛନ୍ତି ବୋଲି କେନ୍ଦ୍ରମନ୍ତ୍ରୀ ସୂଚନା ଦେଇଛନ୍ତି।

## ଆରଏସ୍– ନିର୍ଭୟା ଫଣ୍ଡ

ଗତ ପାଞ୍ଚ ବର୍ଷ ମଧ୍ୟରେ ନିର୍ଭୟା ପାଣ୍ଠିକୁ ସରକାର ୩ ହଜାର ୩୦୦ କୋଟି ଟଙ୍କା ମଞ୍ଜୁର କରିଛନ୍ତି ବୋଲି ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ସାବିତ୍ରୀ ଠାକୁର ଆଜି ରାଜ୍ୟସଭାରେ କହିଛନ୍ତି। ଏ ସମ୍ପର୍କିତ ଏକ ପ୍ରଶ୍ନର ଲିଖିତ ଉତ୍ତରରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି, ଦେଶରେ ମହିଳା ଏବଂ ବାଳିକାମାନଙ୍କର ସୁରକ୍ଷାକୁ ଅଧିକ ସଶକ୍ତ କରିବା ଉଦ୍ଦେଶ୍ୟରେ ନିର୍ଭୟା ପାଣ୍ଠି ପ୍ରତିଷ୍ଠା କରାଯାଇଥିଲା। ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟର ସଚିବଙ୍କ ଅଧ୍ୟକ୍ଷତାରେ ଗଠିତ ଏକ ଉଚ୍ଚକ୍ଷମତା ସମ୍ପନ୍ନ କମିଟି ଏହି ପାଣ୍ଠିର କାର୍ଯ୍ୟଖସଡ଼ା ପ୍ରସ୍ତୁତ କରିଥାନ୍ତି ବୋଲି କେନ୍ଦ୍ରମନ୍ତ୍ରୀ ସାବିତ୍ରୀ ଠାକୁର କହିଛନ୍ତି।

## ଧର୍ମେନ୍ଦ୍ର ପ୍ରଧାନ

ଦେଶବ୍ୟାପୀ ଛାତ୍ରଛାତ୍ରୀଙ୍କ ମଧ୍ୟରେ ନବସୃଜନର ଭାବନାକୁ ପ୍ରୋତ୍ସାହିତ କରିବା ପାଇଁ ସରକାର ଆଗାମୀ ୫ ବର୍ଷରେ ସରକାରୀ ସ୍କୁଲ ଗୁଡ଼ିକରେ ୫୦ ହଜାର ନୂତନ ଅଟଳ ଟିଙ୍କରିଂ ଲ୍ୟାବ୍ ପ୍ରତିଷ୍ଠା କରିବେ ବୋଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଆଜି ରାଜ୍ୟସଭାରେ ଏକ ପ୍ରଶ୍ନର ଉତ୍ତରରେ ଶ୍ରୀ ପ୍ରଧାନ କହିଛନ୍ତି, ନବସୃଜନକୁ ପ୍ରୋତ୍ସାହିତ କରିବା ପାଇଁ ବିଦ୍ୟାଳୟଗୁଡ଼ିକରେ ୧୦ ହଜାର ଅଟଳ ଟିଙ୍କରିଂ ଲ୍ୟାବ୍ ପ୍ରତିଷ୍ଠା କରାଯାଇଛି। ଆଗାମୀ ବର୍ଷଗୁଡ଼ିକରେ ଦେଶରେ ଶିକ୍ଷା, ପ୍ରଯୁକ୍ତିବିଦ୍ୟା ଚାଳିତ ହେବ। ଭାରତନେଟ୍ କେନ୍ଦ୍ରୀୟ ଯୋଜନାରେ ୬୦ ପ୍ରତିଶତ ହାଇସ୍କୁଲରେ ନବମରୁ ଦ୍ୱାଦଶ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପାଇଁ ବ୍ରଡବ୍ୟାଣ୍ଡ୍ ଇଣ୍ଟରନେଟ୍ ସୁବିଧା ଯୋଗାଇ ଦିଆଯାଇଛି ବୋଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି।

## ଅଶ୍ୱିନୀ ବୈଷ୍ଣବ– ମହିଳା ସୁରକ୍ଷା

ଭାରତୀୟ ରେଳବାଇ ପକ୍ଷରୁ ମହିଳାମାନଙ୍କର ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦିଆଯାଇଥାଏ ବୋଲି ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି। ଆଜି ଲୋକସଭାରେ ଏ ସମ୍ପର୍କିତ ଏକ ପ୍ରଶ୍ନର ଲିଖିତ ଉତ୍ତରରେ ଶ୍ରୀ ବୈଷ୍ଣବ ଏହି ସୂଚନା ଦେଇ କହିଛନ୍ତି, ମହିଳା ଯାତ୍ରୀମାନଙ୍କର ସୁରକ୍ଷା

ଲାଗି ସରକାରୀ ରେଳବାଇ ପୁଲିସ ସହିତ ସମନ୍ୱୟ ରକ୍ଷା କରି ରେଳବାଇ ପକ୍ଷରୁ ବିବିଧ ପଦକ୍ଷେପ ନିଆଯାଇଛି। 'ମେରି ସହେଲି' ପଦକ୍ଷେପ ମାଧ୍ୟମରେ ଦୀର୍ଘପଥ ଯାତ୍ରା କରୁଥିବା ମହିଳା ଯାତ୍ରୀଙ୍କର ସୁରକ୍ଷା ଲାଗି ସେମାନଙ୍କର ସମଗ୍ର ଯାତ୍ରା ଉପରେ ନଜର ରଖାଯାଇଥାଏ। ଏତଦ୍‌ବ୍ୟତୀତ ବିଭିନ୍ନ ରେଳଷ୍ଟେସନ୍ ଓ କୋଚ୍‌ଗୁଡ଼ିକରେ ମଧ୍ୟ ଲଗାଯାଇଥିବା ସିସିଟିଭି କ୍ୟାମେରା ମାଧ୍ୟମରେ ରେଳବାଇ ମହିଳାଙ୍କ ସୁରକ୍ଷା ଉପରେ ତୀକ୍ଷ୍ଣ ନଜର ରଖିଛି। ସେହିଭଳି ମହିଳାମାନଙ୍କ ଲାଗି ସଂରକ୍ଷିତ ଥିବା ବଗି ମଧ୍ୟକୁ ଯେଭଳି ପୁରୁଷ ଯାତ୍ରୀ ପ୍ରବେଶ ନ କରିପାରନ୍ତି ସେ ଦିଗରେ ମଧ୍ୟ ରେଳବାଇ ପକ୍ଷରୁ କଡ଼ା ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯାଉଛି।

ଅନ୍ୟ ଏକ ପ୍ରଶ୍ନର ଉତ୍ତରରେ ରେଳମନ୍ତ୍ରୀ କହିଛନ୍ତି, ଦେଶବ୍ୟାପୀ ରେଳଷ୍ଟେସନ୍‌ଗୁଡ଼ିକର ପୁନରୁଦ୍ଧାର କାର୍ଯ୍ୟ ଜାରି ରହିଛି। ଶ୍ରୀ ବୈଷ୍ଣବ କହିଛନ୍ତି...

**V/O- VAISHNAV-AMRIT-BHARAT-STATION**

## ସହିଦ୍ ଦିବସ

ସହିଦ୍ ଦିବସ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଆସାମ ଆନ୍ଦୋଳନରେ ଅଂଶଗ୍ରହଣକାରୀଙ୍କ ବୀରତ୍ୱ ଉପରେ ଆଲୋକପାତ କରିଛନ୍ତି। ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି

ପ୍ରଧାନମନ୍ତ୍ରୀ କହିଛନ୍ତି, ଏହି ଆନ୍ଦୋଳନ ଜାତୀୟ ଇତିହାସରେ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଅଳଙ୍କୃତ କରିଛି। ଆସାମ ଆନ୍ଦୋଳନରେ ଅଂଶଗ୍ରହଣ କରିଥିବା ବୀର ପୁରୁଷଙ୍କର ସ୍ୱପ୍ନକୁ ସାକାର କରିବା ସହିତ ଆସାମର ସଂସ୍କୃତି ଏବଂ ସାମଗ୍ରୀକ ବିକାଶ ଦିଗରେ ଶ୍ରୀ ମୋଦୀ ସରକାରଙ୍କ ପ୍ରତିବଦ୍ଧତା ଦୋହରାଇଛନ୍ତି।

ଏହି ଅବସରରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ମଧ୍ୟ ଆସାମ ଆନ୍ଦୋଳନରେ ବଳିଦାନ ଦେଇଥିବା ବ୍ୟକ୍ତିବିଶେଷଙ୍କ ସ୍ମରଣ କରିଛନ୍ତି। ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଶ୍ରୀ ଶାହା କହିଛନ୍ତି, ବହୁ ପ୍ରତିକୂଳ ପରିସ୍ଥିତି ମଧ୍ୟ ଦେଇ ଗତି କରିବା ସତ୍ତ୍ୱେ ଆସାମବାସୀ ଦେଶଭକ୍ତିର ଏକ ଦୃଷ୍ଟାନ୍ତମୂଳକ ଉଦାହରଣ ସୃଷ୍ଟି କରିଛନ୍ତି। ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ଏନ୍.ଡି.ଏ. ସରକାର ଆସାମକୁ ଶାନ୍ତି, ପ୍ରଗତି ଓ ଅଭିବୃଦ୍ଧି ପଥରେ ନେଇଯିବା ସହ ରାଜ୍ୟବାସୀଙ୍କର ସମସ୍ତ ଆକାଂକ୍ଷା ପୂରଣ କରିବା ଦିଗରେ ଦୃଢ଼ ସଂକଳ୍ପବଦ୍ଧ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି।

## ଅନ୍ନପୂର୍ଣ୍ଣା ଦେବୀ–ଲାଙ୍ଗୁଏଜ୍

ଭାରତର ପ୍ରକୃତ ଶକ୍ତି କେବଳ ଏହାର ଆର୍ଥିକ ପ୍ରଗତି ଉପରେ ନୁହେଁ ବରଂ ସାଂସ୍କୃତିକ ଏକତା ଏବଂ ଭାଷାଗତ ବିବିଧତା ଉପରେ ନିର୍ଭର କରେ ବୋଲି କେନ୍ଦ୍ର ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଅନ୍ନପୂର୍ଣ୍ଣା ଦେବୀ ମତବ୍ୟକ୍ତ କରିଛନ୍ତି। ଆଜି ନୂଆଦିଲ୍ଲୀଠାରେ ଆୟୋଜିତ ଭାରତୀୟ ଭାଷା

ଏବଂ ଐତିହ୍ୟର ପ୍ରୋତ୍ସାହନ ସମ୍ପର୍କିତ ଏକ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ସେ ଏହା କହିଛନ୍ତି। କେନ୍ଦ୍ରମନ୍ତ୍ରୀ କହିଛନ୍ତି, ଭବିଷ୍ୟତ ଲାଗି ଭାଷା ଏକ ଗୁରୁତ୍ୱପୂର୍ଣ୍ଣ ଶକ୍ତିଭାବେ କାର୍ଯ୍ୟ କରିବା ଉଦ୍ଦେଶ୍ୟରେ ସରକାର ଭାଷିନୀ, ଆଦିବାଣୀ, କେ.ଟି.ଏସ୍ ଓ ସଂଚିକା ଭଳି ବିଭିନ୍ନ ପ୍ଲାଟଫର୍ମର ବିକାଶ କରିଛନ୍ତି। ନିଜର ସଭ୍ୟତା ଏବଂ ସାଂସ୍କୃତିକ ଐତିହ୍ୟ ମାଧ୍ୟମରେ ସଂଯୋଗ ହୋଇ ଏକତ୍ରୀତ ବସବାସ କରିବା ଦିଗରେ ଭାଷା ସହାୟକ ହୋଇଥାଏ ବୋଲି ସେ କହିଛନ୍ତି। ସମ୍ପ୍ରତି ବାରଣସୀଠାରେ ଅନୁଷ୍ଠିତ କାଶୀ–ତାମିଲ ସଂଗମ ୪.୦ ଉପରେ ଆଲୋକପାତ କରି ଅନ୍ନପୂର୍ଣ୍ଣା ଦେବୀ କହିଛନ୍ତି, ଭାଷା ମାଧ୍ୟମରେ ସାଂସ୍କୃତିକ ଆଦାନପ୍ରଦାନର ଏହା ଏକ ଜ୍ୱଳନ୍ତ ଉଦାହରଣ। ଏହାର ଅଂଶଗ୍ରହଣକାରୀଙ୍କ ମଧ୍ୟରେ ବିଭିନ୍ନ ପାରମ୍ପରିକ, ସାଂସ୍କୃତିକ ତଥା ସମ୍ପ୍ରଦାୟିକ ସଂଯୋଗୀକରଣ ଦିଗରେ ଏହି ସଂଗମମ୍ ଏକ ଅଭିନବ ସୁଯୋଗ ସୃଷ୍ଟି କରିଛି ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି।

**V/O–ANNAPURNA-DEVI**

## ରାଷ୍ଟ୍ରପତି–ବକ୍ସିଂ

ମହିଳା ବିଶ୍ୱ ବକ୍ସିଂ ଚମ୍ପିଆନସିପ୍-୨୦୨୫ର ଭାରତୀୟ ବିଜେତା ଦଳ ଆଜି ରାଷ୍ଟ୍ରପତି ଭବନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଭେଟିଛନ୍ତି। ଏ ସମ୍ପର୍କରେ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ରାଷ୍ଟ୍ରପତି ମୁର୍ମୁ ଏହି ଦଳରେ ସାମିଲ ଥିବା ମୁଷ୍ଟିଯୋଦ୍ଧାମାନଙ୍କର ଅଭୂତପୂର୍ବ ସଫଳତାକୁ

ପ୍ରଶଂସା କରିବା ସହିତ ଏହା ସମଗ୍ର ଦେଶ ପାଇଁ ଏକ ଗର୍ବର ବିଷୟ ବୋଲି ମତବ୍ୟକ୍ତ କରିଛନ୍ତି। ଏହି ବକ୍ସିଂ ଚମ୍ପିଆନସିପ୍‌ରେ ଜସ୍ମିନ୍ ଓ ମିନାକ୍ଷୀ ସ୍ୱର୍ଣ୍ଣ ପଦକ ପାଇଥିବା ବେଳେ ନୁପୁର ରୌପ୍ୟ ଓ ପୂଜାରାଣୀ କାଂସ୍ୟ ପଦକ ହାସଲ କରିଛନ୍ତି।

## କ୍ରିକେଟ

ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଆସନ୍ତାକାଲି ନୂଆଚଣ୍ଡୀଗଡ଼ଠାରେ ଦ୍ୱିତୀୟ ଆନ୍ତର୍ଜାତିକ ଟି-ଟ୍ୱେଣ୍ଟି କ୍ରିକେଟ ମ୍ୟାଚ୍ ଅନୁଷ୍ଠିତ ହେବ। ମୁଲନପୁରସ୍ଥିତ ମହାରାଜା ଯଜବିନ୍ଦ୍ର ସିଂହ ଆନ୍ତର୍ଜାତିକ କ୍ରିକେଟ ଷ୍ଟାଡିୟମ୍‌ଠାରେ ଏହି ମ୍ୟାଚ୍ ସନ୍ଧ୍ୟା ୭ଟାରେ ଆରମ୍ଭ ହେବ। ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଏହି ଟି-ଟ୍ୱେଣ୍ଟି ସିରିଜ୍‌ର ଗତକାଲି କଟକଠାରେ ଅନୁଷ୍ଠିତ ପ୍ରଥମ ମ୍ୟାଚ୍‌ରେ ଭାରତ’ ଦକ୍ଷିଣ ଆଫ୍ରିକାକୁ ୧୦୧ ରନ୍‌ରେ ପରାସ୍ତ କରି ୧-୦ରେ ସିରିଜ୍ ଅଗ୍ରଣୀ ରହିଛି।